# Akashvani, Sambalpur

## SAMBALPURI NEWS EVENING BULLETIN

**10 November 2024- 7.02 pm- 7.12 pm.**

*********************************************

୧- ଓଡ଼ିଶାକେ ଦେଶର୍ ମିଲେଟ୍ ହବ୍ ବନାବାର୍ ଲାଗି ସର୍କାର୍ ନଉଛନ୍ ପଦକ୍ଷେପ୍- କହେଲେ ମୁଖ୍ୟମନ୍ତ୍ରୀ ।

- ମଗ୍‌ଶିର୍ ଗୁରୁବାର୍‌ଥି ମହାଲକ୍ଷ୍ମୀଙ୍କୁ ମଡ଼ିଆ ଭୋଗ୍ ଲଗାବାର୍ ଲାଗି ଦେଲେ ଆହ୍ୱାନ୍ ।

୨- ଏତ୍‌କର କମ୍ପାନୀମାନେ ଆଉ ମନ୍‌ଇଚ୍ଛା ଯାହିଁତାହିଁ କାର୍‌ଖାନାର୍ ଖାର୍ ନାଇଁପାରନ୍ ଫିକି- ଉଚ୍ଚସ୍ତରୀୟ ବୈଠକ୍ ଉତ୍‌ରୁ ସୂଚ୍‌ନା ଦେଲେ ରାଜସ୍ୱ ମନ୍ତ୍ରୀ ।

୩- ଚଲ୍‌ତି ରବି ଋତୁ ଚାଷ୍ ଲାଗି ୯ ହଜାର୍ କୋଟି ଟଙ୍କାର୍ ଋଣ ଦେବାର୍ ଲାଗି ଲକ୍ଷ୍ୟ ରଖିଛେ ସମବାୟ ବେଙ୍କ୍ ।

ଆଉର୍

୪- ରାଏଜେ ଆଏଜ୍ ପାଲିତ୍ ହେଇଛେ ମଡ଼ିଆ ଦିବସ୍ ।

ମୁଖ୍ୟମନ୍ତ୍ରୀ-ମିଲେଟ୍ ଆର୍ଏନ୍ୟୁ/ କଟକ୍

ଓଡ଼ିଶାକେ ଦେଶର୍ ମିଲେଟ୍ ହବ୍ ବନାବାର୍ ଲାଗି ସର୍କାର୍ ସବୁ ପଦକ୍ଷେପ୍ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ହେଇଥିବା ୨ ଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଆର୍ ବିସ୍ମୃତ ଖାଦ୍ୟ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, କେନ୍ ପୁରାତନ୍ ଯୁଗୁ ପୁଷ୍ଟିଶସ୍ୟ ଆର୍ ହେତାର୍ ଚାଷ୍ ପ୍ରଣାଲୀ ଆଦିବାସୀ ସମ୍ପ୍ରଦାୟର୍ କୃଷି ଐତିହ୍ୟର୍ ଗୁଟେ ଅବିଚ୍ଛେଦ୍ୟ ଅଙ୍ଗ ଥିଲା । ଏଛେନ୍ ସର୍କାର୍ ପୁନଃ ପ୍ରଚଳିତ କୃଷି ପ୍ରଣାଲୀ ଜରିଏ ବିସ୍ମୃତ ଖାଦ୍ୟ ଆର୍ ଶସ୍ୟକେ ତହଁକାବାର୍ ଦିଗେ ଓଡ଼ିଶାକେ ଗୁଟେ ଅଗ୍ରଣୀ ରାଜ୍ୟ କର୍‌ବାର୍ ଲକ୍ଷ୍ୟ ନ କାମ୍ କରୁଛନ୍ । ପୋଷକ ତତ୍ୱ ଭରିକରି ରହିଥିବା ଶ୍ରୀଅନ୍ନ ଖାଲି ଖାଦ୍ୟ ସଂସ୍କୃତିକେ ସଂରକ୍ଷିତ ନାଇଁ କର୍‌ବାର୍ ଚାଷୀମାନ୍‌କର୍ ରୋଜ୍‌ଗାର୍ ବଢ଼ାବାର୍ ସଙ୍ଗେ ସ୍ୱାସ୍ଥ୍ୟ ଲାଗି ଉପକାର୍ କର୍‌ବାର୍‌ଥି ସାହାଜ୍ କରୁଛେ । ରାଜ୍ୟର୍ ଶହେ ୭୭ ଟା ବ୍ଲକ୍ ନ ଶ୍ରୀଅନ୍ନ ଚାଷ୍‌କେ ସମ୍ପ୍ରସାରଣ୍ କରାଯାଇଛେ । ଆର୍ ହେଟା ଗୁଟେ ଉଲ୍‌ଗୁଲାନ୍ ହେଇଛେ । ମଗ୍‌ଶିର୍ ଗୁରୁବାର୍‌ଥି ମହାଲକ୍ଷ୍ମୀଙ୍କୁ ମଡ଼ିଆ ଭୋଗ୍ ଲଗାବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ସମ୍ମିଳନୀର୍ ଉଦ୍‌ଘାଟନୀ ସମାରୋହେଥି ପୁଷ୍ଟିଶସ୍ୟ ଚାଷ୍ ଦିଗେ ଶ୍ରେଷ୍ଠ ପ୍ରଦର୍ଶନ୍ ଲାଗି ସୁନ୍ଦର୍‌ଗଡ଼୍, ରାୟଗଡ଼ା ଆର୍ କୋରାପୁଟ୍ ଜିଲ୍ଲାକେ ପୁରସ୍କୃତ୍ କରାଯିବାର୍ ସହେତେ ଶ୍ରୀଅନ୍ନ ଚାଷୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା । ସମାରୋହେଥି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ୍ ସିଂହଦେଓ, ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ସହେତେ ବରିଷ୍ଠ ବିଶେଷଜ୍ଞ ଆର୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଫ୍ଲାଏଆସ୍- ରାଜସ୍ୱ ମନ୍ତ୍ରୀ ସମ୍ବଲ୍‌ପୁର୍ ସମ୍ବାଦଦାତା

ଏତ୍‌କର କମ୍ପାନୀମାନେ ଆଉ ମନ୍‌ଇଚ୍ଛା ଯାହିଁତାହିଁ କାର୍‌ଖାନାର୍ ଖାର୍ ଫିଙ୍କି ନାଇଁପାରନ୍ । ବନ୍ଦ୍ ହେଇଥିବା ଖଣିଥି ହେତାର୍ ବେଭାର୍ କରାଯିବା ବଲି ରାଜସ୍ୱ ଆର୍ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଆଏଜ୍ ସମ୍ବଲପୁରେ ଉତରାଂଚଲ ରାଜସ୍ୱ କମିଶନର୍-ଆର୍‌ଡିସିଙ୍କର୍ କାର୍ଯ୍ୟାଳୟ ନ କାର୍‌ଖାନାର୍ ଖାର୍ ପରିଚାଲନା ବାବଦ୍ ହେଇଥିବାର୍ ଉଚ୍ଚସ୍ତରୀୟ ଗୁଟେ ବୈଠକ୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ଜିଲ୍ଲାମାନ୍‌କୁ କେନ୍ କାର୍‌ଖାନାନୁ କେତେ ଖାର୍ ବାହାରୁଛେ

ଆଉଁ କେନ୍ତା ପରିଚାଲନା କରାଯିବା ସେ ବାବ୍‌ଦେ ଆଲୋଚନା କରାଯାଇଛେ । କାର୍‌ଖାନାର୍ ଖାର୍ ପରିଚାଲନାଥି ପ୍ରଦୂଷଣ ନିୟନ୍ତ୍ରଣ୍ ବୋର୍ଡ଼ ଆର୍ ଜିଲ୍ଲାପାଲ୍ ଆଉ ଏସ୍.ପି.ମାନ୍‌କର୍ ଭିତ୍‌ରେ ସମନ୍ୱୟ ନାଇଁ ରହେବାର୍ । ହେଥିର୍‌ଲାଗି ସିସିଟିଭି କେମ୍‌ରା ଲଗେଇକରି କେନ୍ ଖାର୍ ଗାଡ଼ି କେନ୍‌କେ ଯାଉଛେ ତାର୍ ଭିଲ୍ ତର୍ଜମା ହେବା ବଲି ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, କାର୍‌ଖାନାମାନ୍‌କୁ ବାହାରୁଥିବା ଖାର୍ ଆର୍ ତାର୍ ପରିଚାଲନା ବାବ୍‌ଦେ ତଥ୍ୟ ସଂଗ୍ରହର୍ ଲାଗି ଆଇଆଇଏମ୍, ଭିସୁଟ୍ ଆର୍ ଅଲ୍‌ଗା ବିଶେଷଜ୍ଞମାନ୍‌କର୍ ପରାମର୍ଶ ନିଆଯିବା । ମାସେ ଉତ୍‌ରୁ ଇ ବାବ୍‌ଦେ ଫେର୍‌ଘାଏ ଭୁବ୍‌ନେଶ୍ୱର୍ ନ ବୈଠକ୍ ହେବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ବୈଠକ୍‌ଥି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ଅନୁଗୁଲ୍ ଜିଲ୍ଲାର୍ ବିଧାୟକ୍‌ମାନ୍‌କର୍ ସହେତେ ଜିଲ୍ଲାପାଲ୍ ଏସ୍.ପି., ରାଜସ୍ୱ ବିଭାଗ୍‌ର ଅଧିକାରୀ ଆର୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ରବି ଋତୁ ଚାଷ- ସମବାୟ ଋଣ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଚଲ୍ତି ୨୦୨୪-୨୫ ରବି ଋତୁ ଚାଷ୍ ଲାଗି ୯ ହଜାର୍ କୋଟି ଟଙ୍କା ଋଣ ଦେବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ରାଜ୍ୟ ସମବାୟ ବେଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଭୁ କଲ୍ୟାଣ୍ ପଟ୍ଟନାୟକ୍ କହିଛନ୍ । ଗଲାବଛର୍ ଚାଷୀମାନେ ଧାରିଜ୍ ଲକ୍ଷ୍ୟନୁ ଅଏତ୍‌କା ଋଣ ନେଇଥିବାର୍‌ନୁ ଇ ବଛର୍ ଋଣ ଲକ୍ଷ୍ୟକେ ୯ ହଜାର୍ କୋଟି ଟଙ୍କା ତକ୍ ବଢ଼ାଯାଇଛେ ବଲି ସେ କହିଛନ୍ । ତାଙ୍କର୍ ସୂଚ୍‌ନା ଅନ୍‌ସାରେ ଇ ଋଣ ଦେବାର୍ ଯୋଜ୍‌ନାଥି ଚାଷୀମାନେ ଲାଖେ ଟଙ୍କାତକ୍ ଋଣ ବିନା ସୁଧଥି ପାଇପାର୍‌ବେ । ସେନ୍ତା ଲାଖେ ନୁ ୩ ଲାଖ୍ ଟଙ୍କାତକ୍ ଋଣ ନେଲେ ଚାଷୀମାନ୍‌କୁ ୨ ପ୍ରତିଶତ୍ ହାରଥି ସୁଧ ଦେବାର୍‌କେ ପଡ଼୍‌ବା ବଲି ଶ୍ରୀ ପଟ୍ଟନାୟକ୍ ସୂଚ୍‌ନା ଦେଇଛନ୍ । ରାଏଜେ ବର୍‌ଗଡ଼୍ ଜିଲ୍ଲା ନ ସବୁନୁ ଅଏତ୍‌କା ୭ ଶହ ୩୦ କୋଟି ଟଙ୍କା ଋଣ ଦେବାର୍‌କେ ଲକ୍ଷ୍ୟ ରଖାଯାଇଥିବାର୍ ଜନାପଡ଼ିଛେ ।

ରାଷ୍ଟ୍ରପତି -ଓଡ଼ିଶା          ଆର୍‌ଏନ୍‌ୟୁ / ସମ୍ବଲପୁର

ନୌସେନା ଦିବସ୍ ଅବ୍‌ସରେ ଆଏବା ଡିସେମ୍ବର୍ ୪ ତାରିଖ୍ ପୁରୀ ବେଲାଭୂମି ନ ଭାରତୀୟ ନୌସେନାର୍ ସମରାଭ୍ୟାସ କରାଯିବା । ହେଥି ନୌସେନା ତାର୍ ଅଜୟ ସାମୁଦ୍ରିକ

କ୍ଷମତା ଆର୍ ଶକ୍ତି ପ୍ରଦର୍ଶନ୍ ଲାଗି ପ୍ରସ୍ତୁତି କରିଛେ । ସୂଚ୍‌ନା ଅନ୍‌ସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

ସ୍ୱତନ୍ତ୍ର ଟ୍ରେନ୍ ଏନ୍‌ଏସ୍‌ଡି

ଭାରତୀୟ ରେଲ୍‌ବାଇ ତର୍‌ଫୁ ଛଟ୍ ପୂଜା ଆର୍ ଅଲ୍‌ଗା ପରବ୍ ଲାଗି ଶହେ ୬୪ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରିଛେ । ଆଏଜ୍‌ତକ୍ ୪ ଶହ ୭୬ ଟା ଟ୍ରେନ୍ ଚଲାଚଲ୍ କର୍‌ବା । ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ୬ କୋଟି ୮୫ ଲାଖ୍ ଯାତ୍ରୀ ଭିନ୍ ଭିନ୍ ଜାଗାନୁ ବିହାର୍ ପୂର୍ବ ଉତର୍‌ପ୍ରଦେଶ୍ ଆଉ ଝାର୍‌ଖଣ୍ଡ୍‌କେ ଟ୍ରେନ୍‌ଥି ଯାତ୍ରା କରିଥିବା ଜନାପଡ଼ିଛେ । ଇତାର୍‌ସହେତେ ଦେଶେ ଗଲା ୪ ତାରିଖ୍ ଦିନ ୩ କୋଟିନୁ ଅଏତ୍‌କା ଯାତ୍ରୀ ରେଲ୍ ଜରିଏ ଯାତ୍ରା କରିକରି ଗୁଟେ ରେକର୍ଡ୍ ସୃଷ୍ଟି କରିଥିବା ରେଲ୍‌ବାଇ ତର୍‌ଫୁ କୁହାଯାଇଛେ ।

ମଡ଼ିଆ ଦିବସ୍- ପ୍ରଧାନ୍‌ମନ୍ତ୍ରୀ ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅନୁରୋଧ୍‌ଥି ମିଳିତ ଜାତିସଂଘ ଗଲା ୨୦୨୩ ମସିହାଥି ଅନ୍ତର୍ଜାତୀୟ ମିଲେଟ୍ ବଛର୍

ଘୋଷ୍ନା କରିଥିବାର୍ ବେଲେ ପୁଷ୍ଟିଶସ୍ୟ - ମିଲେଟ୍‌କେ ତହଁକାବାର୍ ଲାଗି ରାଏଜେ ନଭେମ୍ବର୍ ୧୦ ତାରିଖ୍ ଆଝିର୍ ଦିନ୍‌କେ ମଡ଼ିଆ ଦିବସ୍ ଭାବେ ପାଲନ୍ କରାଯାଉଛେ । ମଡ଼ିଆ ଦିବସ୍ ପାଲନ୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିଡ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ସମ୍ବଲପୁର ତପସ୍ୱିନୀ ପେକ୍ଷାଲୟ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ମଡ଼ିଆ ଚାଷୀଙ୍କର୍ ଲାଗି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବଦେ ସୂଚ୍‌ନା ଦିଆଯାଇଥିଲା । ହେଥି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର୍ ମିଶ୍ର ଆର୍ ଜିଲ୍ଲା କୃଷକ୍ ସୁରକ୍ଷା ସଂଗଠନ୍‌ର ସଭାପତି ଉମେଶ୍ ଚନ୍ଦ୍ର ମିଶ୍ରଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଇତାର୍‌ସଙ୍ଗେ ଗୁଟେ ସ୍ୱତନ୍ତ୍ର ଖାଦ୍ୟ ମେଳା ଭିଲ୍ ହେଇଥିଲା ।

ବୌଦ୍ଧ ଟାଉନ୍ ହଲ୍ ନ ଜିଲ୍ଲାସ୍ତରୀୟ ଶ୍ରୀଅନ୍ନ ଆର୍ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ ହେଇଥିଲା । ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ପ୍ରଦର୍ଶନୀର୍ ଉଦ୍‌ଘାଟନ୍ କରିଥିଲେ ।

ସୁବର୍ଣ୍ଣପୁର୍ ଟାଉନ୍‌ହଲ୍ ନ ପୁଷ୍ଟିଶସ୍ୟଥି ତିଆର୍ ହେଇଥିବା ଖାଦ୍ୟର୍ ପ୍ରଦର୍ଶନୀ ସଙ୍ଗେ ପୁଷ୍ଟିଶସ୍ୟର୍ ଉପକାରିତା ବାବ୍‌ଦେ ଆଲୋଚନା ସଭା ହେଇଥିଲା ।

ସେନ୍ତା ଝାର୍‌ସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍ ନ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ମାଣ୍ଡିଆ ଦିବସ୍ ପାଲନ୍ କରାଯାଇଥିଲା ।

ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ୍ -୨୦୨୫ଥି ଆଏଜ୍ ସ୍ୱତନ୍ତ୍ର ଅଭିଯାନ୍ ଦିବସ୍ ହେଇଯାଇଛେ । ହେଥି ଲୁକେ ତାଙ୍କର୍ ପାଖର୍ ମତଦାନ୍ କେନ୍ଦ୍ର ବୁଥ୍‌କେ ଯାଇକରି ଭୋଟର୍ ତାଲିକା ନ ନିଜର୍ ନାଁ ଜୁଡ୍‌ବାର୍ ଆର୍ ସଂଶୋଧନ୍ ଲାଗି ଆବେଦନ୍ କରିଥିଲେ । ଆଏବା ୧୬ ଆର୍ ୨୪ ତାରିଖ୍ ଦିନ ଭିଲ୍ ବୁଥ୍‌ମାନ୍‌କୁ ଏନ୍ତା ସ୍ୱତନ୍ତ୍ର ଅଭିଯାନ୍ ଦିବସ୍ ହେବା ।

ଭୋଟର୍ ତାଲିକା-ସଂକ୍ଷିପ୍ତ ସଂଶୋଧନ    ବୌଦ୍ଧ ସମ୍ବାଦଦାତା

ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ୍ ଲାଗି ବୌଦ୍ଧ ଜିଲ୍ଲାର୍ ପର୍ଯ୍ୟବେକ୍ଷକ୍ ପଂଚାୟତ୍‌ରାଜ୍ ବିଭାଗ୍‌ର ନିର୍ଦ୍ଦେଶକ୍ ଗୁହାପୁନମ୍ ତାପସ୍ କୁମାର୍ ବୌଦ୍ଧ ଜିଲ୍ଲା ଗସ୍ତ ନ ଆସିକରି ଭିନ୍ ଭିନ୍ ମତଦାନ୍ କେନ୍ଦ୍ର-ବୁଥ୍ ବୁଲିକରି ଦେଖିଛନ୍ । ସେ ଭୋଟର୍ ତାଲିକା ସଂଶୋଧନ୍ ବେଲେ ନୂଆଁ ଭୋଟର୍‌ଙ୍କୁ ଜୁଡ୍‌ବାର୍ ଉପ୍‌ରେ ଜୋର୍ ଦେବାର୍‌କେ ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଇତାର୍‌ସଙ୍ଗେ ସେ

ଜିଲ୍ଲା ପ୍ରଶାସନ୍‌ର ଅଧିକାରୀ ଆର୍ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଡାକ୍ତର୍ ଜନାର୍ଦ୍ଦନ୍ ପୂଜାରୀ-ଜୟନ୍ତୀ ସଭା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟର୍ ୟୁଟିଲିଟି ସେଂଟର୍ ନ ଆଏଜ୍ ଓଡ଼ିଶା ସାହିତ୍ୟ ଏକାଡେମୀ ତର୍‌ଫୁ ଡାକ୍ତର୍ ଜନାର୍ଦ୍ଦନ୍ ପୂଜାରୀଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସଭା ହେଇଯାଇଛେ । ଡାକ୍ତର୍ ଜନାର୍ଦ୍ଦନ୍ ପୂଜାରୀ ସ୍ମାରକୀ ଟ୍ରଷ୍ଟ୍‌ର ଟ୍ରଷ୍ଟି ଅର୍ଜୁନ୍ ରଞ୍ଜନ୍ ପଣ୍ଡାଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଡକ୍ଟର୍ କାମ୍‌ଦେବ୍ ସାହୁ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଡକ୍ଟର୍ ଶ୍ରଦ୍ଧାକର ସୂପକାର୍ ଲେଖିଥିବା ଡକ୍ଟର୍ ପୂଜାରୀଙ୍କର୍ ଜୀବନୀ 'ଅମର୍ ଜୀବନ୍' ବହିର୍ ଇଂରାଜୀ ଅନୁବାଦ୍ 'ଇମୋର୍ଟାଲ୍ ଲାଇଫ୍'ର ଲୋକାର୍ପଣ୍ କରାଯାଇଥିଲା । ସାମ୍ବାଦିକ୍ ପ୍ରିୟରଞ୍ଜନ୍ ସାହୁ ବହିର ଇଂରାଜୀ ଅନୁବାଦ୍ କରିଛନ୍ ।

ସୁବର୍ଣ୍ଣପୁର୍- ତୁଲ୍‌ସୀ ରଥ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ପାତାଳି ଶ୍ରୀକ୍ଷେତ୍ର ନୁ ପୁରୀ ଶ୍ରୀକ୍ଷେତ୍ରକେ କାଳିଆ ତୁଳସୀ ରଥଯାତ୍ରା ବାହାରିଛେ । ଇ ତୁଲ୍‌ସୀ ରଥ ଜଗନ୍ନାଥ ସଡ଼କ୍‌ଥି ବିନ୍‌କା, ସୁବର୍ଣ୍ଣପୁର୍, ବୌଦ୍ଧ, ଦଶ୍‌ପଲ୍ଲା, ନୟାଗଡ଼୍ ଦେଇକରି ଆଏବା ବଡ଼ ଏକାଦଶୀ ଦିନ ପୁରୀ ଶ୍ରୀକ୍ଷେତ୍ର ନ ପୁହୁଁଚିବା । ତୁଲ୍‌ସୀ ରଥଥି ସୁବର୍ଣ୍ଣପୁର୍ ଜିଲ୍ଲାନୁ ଭକ୍ତମାନେ ଅର୍ପଣ୍ କରିଥିବା ୩୨ ଝୁଡ଼ି ତୁଲ୍‌ସୀ ଯାଉଛେ । ତୁଲ୍‌ସୀ ରଥକେ ଠାନ୍ ଠାନ୍ ଲୁକେ ଆଲ୍‌ତୀ କରିକରି ସମ୍ବର୍ଦ୍ଧନା ଦଉଛନ୍ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍

prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ପାଗ୍ ସୁଖ୍‌ଲା ଥିବାର୍ ବେଲେ ଆଏଜ୍ ପହପହ ନ ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କେତେ ଇଲାକା ନ କୁହୁଡ଼ି ଦେଖ୍‌ବାର୍‌କେ ମିଲିଥିଲା । ଆଏବା ୫ ଦିନ୍‌ତକ୍ ରାଏଜେ ପାଗ୍ ସୁଖା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।